# ଜିଲ୍ଲା ଏଡସ୍ ନିବାରଣ ଓ ନିୟନ୍ତ୍ରଣ କମିଟୀ ବୈଠକ ।

## District Aids prevention & control committee meeting.

ଅନୁଗୋଳ,ତା.୭.୬: ଜିଲ୍ଲାରେ ଏଡସ୍ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଏହାର ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ଏଡସ୍ ନିବାରଣ ଓ ନିୟନ୍ତ୍ରଣ କମିଟୀ ବୈଠକ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଏଡସ୍ ରୋଗର ଭୟାବହତା ଦୃଷ୍ଟିରୁ ଏହାର ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଚିକିତ୍ସିତ ହେଉଥିବା ଆକ୍ରାନ୍ତ ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ସହ ସେମାନେ ଯେପରି ଅଧାରୁ ଚିକିତ୍ସା ନ ଛାଡନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଶିଳ୍ପ ସଂସ୍ଥା ଗୁଡିକର ପାରିପାର୍ଶ୍ୱିକ ଅଂଚଳରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଟ୍ରକ୍ ଡ୍ରାଇଭର ଓ ହେଲପରମାନଙ୍କୁ ନେଇ ନିୟମିତ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାଛଡା କିନ୍ନରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି । ଗ୍ରାମୀଣ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସରେ ଗର୍ଭବତୀ ମହିଳାମାନଙ୍କର ଏଡସ୍ ପରିକ୍ଷା ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ । ଏଡସ୍ ଆକ୍ରାନ୍ତ ମାନେ ସୁକନ୍ୟା ସମୃଦ୍ଧି ଯୋଜନାର ସୁଫଳ ପାଇବା ନିମନ୍ତେ ୦ ବାଲାନ୍ସରେ ଆକାଉଣ୍ଟ ଖୋଲିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ଏହାଛଡା ଏଡସ୍ ଆକ୍ରାନ୍ତଙ୍କ ନିମନ୍ତେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ୮ଟି ଆଇ ସି ଟି ସିକୁ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା କରିବା ନିମନ୍ତେ ଏମ୍ ସି ଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି । ଜିଲ୍ଲା ଏଡସ୍ ନିରାକରଣ ଓ ନିୟନ୍ତ୍ରଣ ୟୁନିଟରେ ଚାଲୁଥିବା କୁଲରଗୁଡିକ ପାଇଁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ୮ଟି ଆଇ ସି ଟି ସି ମଧ୍ୟରୁ ଲାବୋରୋଟୋରୀ ଟେକ୍‌ନିସିଆନ ନଥିବା ୫ଟିରେ ଜିଲ୍ଲା ଖଣିଜ ପାଣ୍ଠିରୁ ଟେକ୍ନିସିଆନ ନିୟୋଜିତ କରାଯିବ । ଖୁବ୍ ଶିଘ୍ର ପି ପି ପି ମୁଡ୍‌ରେ ପ୍ରତିଷ୍ଠା ହେବ ଆଇ ସି ଟି ସି ଏବଂ କାର୍ଯ୍ୟକାରୀ ହେବ କର୍ମଚାରୀ ଏଲ୍ ଇ ଡି ମଡେଲ । ପ୍ରତ୍ୟେକ ଶିଳ୍ପ ସଂସ୍ଥା ନିୟମିତ ଟ୍ରକ୍ କର୍ମଚାରୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦିଆଯାଇଛି । ଡି ପି ଏମ୍ ଜିଲ୍ଲା ଏଡସ୍ ନିବାରଣ ଓ ନିୟନ୍ତ୍ରଣ ଡ. ପ୍ରମିଳା ହୋତା ଜିଲ୍ଲାରେ ଏଡସ୍ ରୋଗ ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ୨୦୦୩ ମସିହା ଠାରୁ ବର୍ତ୍ତମାନ ସୁଧା ଏଡସ୍ ରୋଗରେ ୩୮୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୧୮-୧୯ ଏପ୍ରିଲ ମାସ ସୁଧା ୪ ଜଣ ଏହି ରୋଗରେ ମୃତ୍ୟୁବରଣ କରିଛନ୍ତି । ପ୍ରକାଶଥାଉକି ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୨୮ହଜାର ୪୩୪ ଜଣଙ୍କର କାଉନ୍‌ସେଲିଂ କରାଯାଇ ୧୮୫୩ ଜଣଙ୍କର ଏଡସ୍ ଭୁତାଣୁ ଥିବାର ପରିକ୍ଷାରୁ ଜଣାପଡିଛି । ପାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏଡସ୍ ରୋଗର ଭୟାବହତା ଓ ଏହାର ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଶେଷରେ ଏ ଆର ଟି ସେଣ୍ଟରର ଏସ୍ ଏମ୍ ଓ ଡା.ଶାଶ୍ୱତ ସାଗର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା.ବିଶ୍ୱ ବିହାରୀ ମହାନ୍ତି, ଏ ଡି ଏମ୍ ଓ(ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁ , ଓସାକ୍ ର ଟେକ୍ନିକାଲ ପରାମର୍ଶଦାତା ଡ. ବିଜୟ ବେହେରା, ଜେ ଏସ୍ ପି ଏଲର ଜି ଏମ୍ (ସି ଏସ୍ ଆର) ପୁଷ୍ପଲତା ଶତପଥି, ଡି ପି ଏମ୍ ଏନ୍ ଏଚ୍ ଏମ୍ ଶ୍ରୀ ବିଶ୍ୱ ରଂଜନ ରଥ, ଦି ମେଡିକ୍ସର ଡ.ଦିଲିପ ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର,ଶିଳ୍ପ ସଂସ୍ଥାର କର୍ମକର୍ତ୍ତା,ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


Succession List Of
District Magistrate & Collectors
Angul(Odisha)
NAME
PERIOD

